# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ

## ଦୋକାନ ଗୃହ ଭଡାସୂତ୍ରରେ ଆବଣ୍ଟନ ନିମନ୍ତେ ଟେଣ୍ଡର ନୋଟିସ

ସଂଖ୍ୟା ...୩୬୫........../୨୦୨୫

ତା । ୧୯ .୦୨.୨୦୨୫

ରାୟଗଡ ପଞ୍ଚାୟତ ସମିତି ଅଧୀନରେ ଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟସ୍ଥ କାଳୀ ମନ୍ଦିର ସାମ୍ନାରେ ଅବସ୍ଥିତ ନବ ନିର୍ମିତ ୪ଗୋଟି ଦୋକାନ ଗୃହ ଭଡା ସୂତ୍ରରେ ପ୍ରଦାନ ନିମନ୍ତେ ମୁକ୍ତ ଟେଣ୍ଡର ମାଧମରେ ଆବଣ୍ଟନ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି। ରାୟଗଡ ପଞ୍ଚାୟତ ସମିତି ଥିବା ରାୟଗଡ଼ ପୌରପରିଷଦ ବାସିନ୍ଦା ନିର୍ଦ୍ଧାରିତ ଫର୍ମରେ ଅଣ ଫେରସ୍ତଯୋଗ୍ୟ ଟ ୩.୦୦୦ (ତିନି ହଜାର ଟଙ୍କା ) ଅଂଶ ଗ୍ରହଣକାରୀ ଶୁଳ୍କ ଏବଂ ବାସିନ୍ଦା ପ୍ରମାଣ ପତ୍ରର ନକଲ ସହ ଆବେଦନ କରିପାରିବେ । ଆବେଦନର ଅବଧି: ତା: ୨୦.୦୨.୨୦୨୫ ରୁ ୧୧.୦୩.୨୦୨୫ ସନ୍ଧ୍ୟା ୫.୦୦ ଘଟିକା । ଟେଣ୍ଡର ଖୋଲା ଯିବା ତା: ୧୨.୦୩.୨୦୨୫ ସମୟ: ସକାଳ ଘ. ୧୦.୩୦ ଟିକା, ଟେଣ୍ଡର ଖୋଲା ଯିବା ସ୍ଥାନ: ସଦଭାବନା ସଭାଗୃହ, ପଞ୍ଚାୟତ ସମିତି, ରାୟଗଡ । ସବିଶେଷ ବିବରଣୀ rayagada.nic.in ରେ ଉପଲବ୍ଧ ।

ଗୋଷ୍ଠି ଉନ୍ନୟନ ଅଧିକାରୀ,<br>ରାୟଗଡ

ଜ୍ଞାପକ ସଂଖ୍ୟା: ୩୬୬

ତା: ୧୯.୦୨.୨୦୨୫

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ରାୟଗଡ଼ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା । ଯେକୌଣସି ଦୁଇଗୋଟି ଅଗ୍ରଣୀ ଓଡିଆ ଖବର କାଗଜରେ ଟ. 5,୦୦୦/- ପାଞ୍ଚ ହଜାର ଟଙ୍କା ମଧରେ ସ୍ଥାନୀୟ ପୃଷ୍ଠାରେ ପ୍ରକାଶନ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଅନୁରୋଧ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,<br>ରାୟଗଡ଼

ଜ୍ଞାପକ ସଂଖ୍ୟା: ୩୬୭

ତା: ୧୯.୦୨.୨୦୨୫

ଏହାର ଏକାକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ରାୟଗଡ/ ଜିଲ୍ଲା ସୂଚନା ଅଧିକାରୀ, ଏନ ଆଇ ସି , ରାୟଗଡଙ୍କ ସଦୟ ଅବଗତି ଓ NIC website ରେ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,<br>ରାୟଗଡ଼

# ପଞ୍ଚାୟତ ସମିତି କାର୍ଯ୍ୟାଳୟ : ରାୟଗଡ଼

## DETAILED TENDER CALL NOTICE (DTCN)

ବିଜ୍ଞାପନ ସଂଖ୍ୟା: ୦୬୯ /-୨୦୨୫ ତା:୧୯ /୦୨/୨୦୨୫

ଏତଦ୍ୱାରା ପଞ୍ଚାୟତ ସମିତି, ରାୟଗଡ଼ ଓ ରାୟଗଡ଼ ପୌରପାଳିକା ପରିସୀମା ଅଞ୍ଚଳର ସମସ୍ତ ବ୍ୟବସାୟୀ ଏବଂ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ରାୟଗଡ଼ ପଞ୍ଚାୟତ ସମିତି ଅଧିବେଶନର ନିର୍ଦ୍ଧାରଣ ସଂଖ୍ୟା:-୧୦ ତା: ୦୪.୦୨.୨୦୨୫ ରିଖ ଅନୁଯାୟୀ ନିମ୍ନଲିଖିତ ଦୋକାନ ଗୃହଗୁଡ଼ିକୁ ଭଡ଼ା ସୂତ୍ରରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

1. **ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ୦୪ ( ଚାରି ) ଗୋଟି ଦୋକାନ ଗୃହ ଯଥା:- ୦୧,୦୨,୦୩,୦୪ ।**

ଏଣୁ ଯେଉଁ ବ୍ୟବସାୟୀ ଓ ସର୍ବସାଧାରଣମାନେ ବିଭିନ୍ନ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ବ୍ୟବସାୟ କରିବାକୁ ଇଚ୍ଛୁକ ଅଚନ୍ତି, ସେମାନେ ପଞ୍ଚାୟତ ସମିତି ରାୟଗଡ଼ କାର୍ଯ୍ୟାଳୟ ଠାରେ ସେମାନେ ନିର୍ଦ୍ଧାରିତ ଫର୍ମ ମାଧମରେ ୩୦୦୦ (ତିନି ହଜାର) ଟଙ୍କାର ରସିଦ ସଂଲଗ୍ନ କରି, ଆବେଦନ କରିପାରିବେ । ଟେଣ୍ଡର ରେ ଅଂଶ ଗ୍ରହଣକାରୀ ଦେୟ ଟ. ୩୦୦୦ ପଞ୍ଚାୟତ ସମିତି, ରାୟଗଡ ଠାରେ ନଗଦ କିମ୍ବା IOB, RAYAGADAର ଡିମାଣ୍ଡ ଡ୍ରାଫ୍ଟ ମାଧମରେ ପଇଠ କରିପାରିବେ । ଉପରୋକ୍ତ ନିର୍ଦ୍ଧାରିତ ଶୁଳ୍କ ଫେରସ୍ତ ଯୋଗ୍ୟ ନୁହେଁ।

ସମସ୍ତ ଦରଖାସ୍ତ କେବଳ ରେଜିଷ୍ଟ୍ରି ଡାକଯୋଗେ ଗ୍ରହଣ କରାଯିବ । ଦରଖାସ୍ତ ଗ୍ରହଣର ଅବଧି ତା:-୨୦.୦୨.୨୦୨୫ ରିଖ ଠାରୁ ତା: ୧୧.୦୩.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି, ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧମରେ ଗ୍ରହଣକରାଯାଇଥିବା ଦରଖାସ୍ତ ତା୧୨.୦୩.୨୦୨୫ ରିଖପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ପଞ୍ଚାୟତ ସମିତି, ରାୟଗଡ଼ ଠାରେ ଖୋଲାଯିବାକୁ ନିଷ୍ପତ୍ତିଗ୍ରହଣ କରାଯାଇଅଛି।

ଦୋକାନ ଘର ବାବଦକୁ ମାସିକ ଭଡା ଅନ୍ୟୁନ୍ୟ ୬,୦୦୦ /-(ଛଅ ହଜାର) ଟଙ୍କା ଲେଖାଏଁ ସ୍ଥିର କରାଯାଇଅଛି । ସର୍ବାଧିକ ଡାକ ଥିବା ଚାରି ଜଣ ଅଂଶଗ୍ରହଣକାରୀ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଯୋଗ୍ୟ ହେବେ ।

୧। ଉକ୍ତ ଦୋକାନ ଘର ଗୁଡିକୁ ମୁକ୍ତ ଟେଣ୍ଡର ମାଧମରେ ଆବଣ୍ଟନ କରାଯିବ । ସର୍ବୋଚ୍ଚ ଟେଣ୍ଡର କର୍ତ୍ତା ଦୋକାନ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

୨। ଦରଖାସ୍ତ ଫର୍ମ ଟ. ୩୦୦୦.୦୦/- ତିନି ହଜାର ଟଙ୍କା ମାତ୍ର (ଅଣ ଫେରସ୍ତ ଯୋଗ୍ୟ ) ନଗଦ ଦେୟ କିମ୍ବା IOB ରାୟଗଡ଼ ବ୍ୟାଙ୍କ ଡ୍ରାଫଟ ମାଧମରେ ଦାଖଲ କରି ପାରିବେ ।

୩। ପ୍ରତି ଦୋକାନ ଗୃହ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଆବେଦନ କରିବାକୁ ପଡିବ ।

୪। ଦୋକାନ ଗୃହ ଆବଣ୍ଟନ ସମୟରେ "ଗୋଟିଏ ପରିବାର –ଗୋଟିଏ ଦୋକାନ ଗୃହ" ନିତି ଅବଲମ୍ବନ କରାଯିବ ।

୫। **ଦରଖାସ୍ତ ଫର୍ମ ସହିତ ନିମ୍ନ ଲିଖିତ ନଥିପତ୍ର ସଂଲଗ୍ନ କରିବାକୁ ପଡିବ ।**

କ. **ଆଧାର କାର୍ଡ ନକଲ ।**

ଖ. **ଟ ୩ ୦୦୦.୦୦/-(ତିନି ହଜାର) ଟଙ୍କାର ରସିଦ (Original) ଦେବାକୁ ପଡିବ ।**

ଗ. **ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ବାସିନ୍ଦା ପ୍ରମାଣପତ୍ର ।**

ଘ. ଲଫାପା ପରେ ଦୋକାନ ଗୃହର ନମ୍ବର (ଯେଉଁ ଗୃହ ନେବାପାଇଁ ଇଚ୍ଛୁକ) ଓ ସ୍ଥାନ ଲେଖିବା ବାଧ୍ୟତାମୂଳକ ଅଟେ ।

**ଉଦାହରଣ :- ବ୍ଲକ କାର୍ଯ୍ୟାଳୟ ଦୋକାନ ଗୃହ ନମ୍ବର ୦୧ ।**

୬। ଯେଉଁ ବ୍ୟବସାୟୀ ଓ ସର୍ବସାଧାରଣ ମାନଙ୍କୁ ଉକ୍ତ ଦୋକାନ ଗୁଡିକ ଆବଣ୍ଟନ କରାଯିବ, ସେମାନେ ପଞ୍ଚାୟତସମିତି ରାୟଗଡ଼ଙ୍କ ସର୍ତ୍ତାବଳୀ ମାନିବାକୁ ବାଧ ହେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (Agreement Deed) କର୍ତ୍ତୃପକ୍ଷଙ୍କସହିତ ସ୍ୱାକ୍ଷର କରିବା ସହିତ ଅମାନତ ଟଙ୍କା ୩ (ତିନି ) ଦିନ ମଧ୍ୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ ଠାରେ ପଇଠ କରିବେ । ନଚ୍ଚେତ ଉକ୍ତ ଆବେଦନକାରୀଙ୍କ ଟେଣ୍ଡରକୁ ବାତିଲ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡରଧାରୀଙ୍କୁ ସୁଯୋଗ ପ୍ରଦାନ କରାଯିବ ।

୭। ଉପରୋକ୍ତ ନିୟମାବଳୀ ଅନୁଯାୟୀ ନଥିପତ୍ର ସଠିକ ଭାବରେ ଦାଖଲ କରିନଥିଲେ ଆବେଦନକାରୀଙ୍କ ଦରଖାସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନାକଚ କରାଯିବ ।

୮। ଏଥି ନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତି ଚୁଡାନ୍ତ ଅଟେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନଦର୍ଶାଇ କର୍ତ୍ତୃପକ୍ଷଙ୍କ ସମସ୍ତ ଦରାଖାସ୍ତ ଗୁଡିକୁ ଅଗ୍ରାହ୍ୟ କରିପାରିବେ ।

ଗୋଷ୍ଠି ଉନ୍ନୟନ ଅଧିକାରୀ

ରାୟଗଡ଼

ଜ୍ଞାପକ ସଂଖ୍ୟା: ୬୬୩ ତା: ୧୯ /୦୨/୨୦୨୫

ଏହାର ଏକକିତା ନକଲ ନୋଟିସ ବୋର୍ଡ଼ରେ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା I

ଗୋଷ୍ଠି ଉନ୍ନୟନ ଅଧିକାରୀ
ରାୟଗଡ଼

ଜ୍ଞାପକ ସଂଖ୍ୟା: ୬୬୪ ତା: ୧୯ /୦୨/୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ,ରାୟଗଡ଼ / ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାୟଗଡ଼ / ଉପଜିଲ୍ଲାପାଳ, ରାୟଗଡ଼ / ତହସିଲଦାର, ରାୟଗଡ଼ଙ୍କ ଅବଗତି ନିମନ୍ତେ ଏବଂ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠି ଉନ୍ନୟନ ଅଧିକାରୀ
ରାୟଗଡ଼

# <u>ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ</u>

**ବ୍ଲକ କାର୍ଯ୍ୟାଳୟ, ରାୟଗଡ ତରଫରୁ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ ଆବଣ୍ଟନ ସମ୍ବନ୍ଧରେ ନିମ୍ନଲିଖିତ ନିୟମ ଏବଂ ପ୍ରକ୍ରିୟା ଜଣାଇଦିଆଯାଉଛି। ଆଗ୍ରହୀ ଆବେଦକମାନେ ଏହା ଅନୁସାରେ ଆବେଦନ କରିବା ହେବେ ।**

**୧. ଚୟନ ପ୍ରକ୍ରିୟା:**

ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ ଭଡା ସୂତ୍ରରେ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ ମୁକ୍ତ ଟେଣ୍ଡରର ପ୍ରକ୍ରିୟା ଆଧାରିତ ହେବ। କୌଣସି ପ୍ରାଧାନ୍ୟ କିମ୍ବା ଅନ୍ୟ ଆଧାରିତ ମାନଦଣ୍ଡକୁ ଧାନ ଦିଆଯିବ ନାହିଁ। ମୁକ୍ତ ଟେଣ୍ଡରର ପ୍ରକ୍ରିୟାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି।

**୨. ଦୋକାନ ସଂଖ୍ୟା ଏବଂ ଅବସ୍ଥାନ:**

ବ୍ଲକ ର ୪ଟି ଦୋକାନ ରାୟଗଡାର କାଳୀ ମନ୍ଦିର ସାମ୍ନାରେ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମୀପରେ ତିଆରି କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସରେ ଉପଲବ୍ଧ ଅଛି। ଦୋକାନ କେବଳ ବ୍ୟବସାୟ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ।

**୩. ଆବେଦନ ପ୍ରକ୍ରିୟା :**

ଆବେଦନକାରୀଙ୍କୁ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଆବେଦନ ପତ୍ର ସହିତ ଟ. ୩,୦୦୦/-( ତିନି ହଜାର) ଶୁଳ୍କ ଜମା କରିବାକୁ ହେବ ଯାହାକି ଫେରସ୍ତ ଯୋଗ୍ୟ ନୁହେଁ । କେବଳ ରାୟଗଡ ପଞ୍ଚାୟତ ସମିତି ଏବଂ ରାୟଗଡ ପୌର ପରିଷଦ ଅଞ୍ଚଳର ବାସିନ୍ଦା ଆବେଦନ କରିପାରିବେ । ଦୋକାନ ଗୃହ ନିମନ୍ତେ ଆବେଦନ ତା: ୨୦.୦୨.୨୦୨୫ ଠାରୁ ୧୧.୦୩.୨୦୨୫ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ କେବଳ Registered ଡାକ ଯୋଗେ ଗ୍ରହଣ କରାଯିବ । ନିର୍ଦ୍ଧାରିତ ତାରିଖ ପରେ କିମ୍ବା ଡାକ ଛଡା ଅନ୍ୟ କୌଣସି ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଗୁଡିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡଙ୍କ ଠିକଣାରେ ପ୍ରେରଣ କରାଯିବ । ଲଫାପା ଉପରେ "ଦୋକାନ ଘର ନିମନ୍ତେ ଦରଖାସ୍ତ" ଲେଖିବା ଜରୁରୀ ।

ଯେଉଁ ବ୍ୟକ୍ତି ଦୋକାନ ଗୃହ ନେବା ପାଇଁ ଇଛା ପ୍ରକାଶ କରନ୍ତି, ସେମାନେ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ୩୦୦୦ (ତିନି ହଜାର) ଟଙ୍କାର ରସିଦ ସଂଲଗ୍ନ କରି, ଆବେଦନ କରିପାରିବେ । ଟେଣ୍ଡର ରେ ଅଂଶ ଗ୍ରହଣକାରୀ ଦେୟ ଟ. ୩୦୦୦ ପଞ୍ଚାୟତ ସମିତି, ରାୟଗଡଠାରେ ନଗଦ କିମ୍ବା IDB, RAYAGADAର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ । ଉପରୋକ୍ତ ନିର୍ଦ୍ଧାରିତ ଶୁଳ୍କ ଫେରସ୍ତ ଯୋଗ୍ୟ ନୁହେଁ। ରାୟଗଡ ପଞ୍ଚାୟତ ସମିତି ଏବଂ ରାୟଗଡ ପୌରପରିଷଦ ଅଧୀନରେ ଥିବା ବ୍ୟକ୍ତି ବିଶେଷ ଆବେଦନ କରିପାରିବେ ଓ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ।

**୪. ସର୍ତ୍ତ ଏବଂ ନିବନ୍ଧନା:**

ଏହି ଚାରିଟି ଦୋକାନ କକ୍ଷ ଗୋଟିଏ ବର୍ଷ ପାଇଁ ଚୁକ୍ତି ଆଧାରରେ ଆଲଟ କରାଯିବ। ପ୍ରତ୍ୟେକ କକ୍ଷ ପାଇଁ ଅଗ୍ରୀମ ସୁରକ୍ଷା ମୁଦ୍ରା ଟ. ୧,୦୦,୦୦୦/- ମୁକ୍ତ ଟେଣ୍ଡର ମାଧ୍ୟମରେ ପାଇଥିବା ବ୍ୟକ୍ତି ଆବଣ୍ଟନ ଘୋଷଣାର ୩ଦିନ ମଧ୍ୟରେ ଜମା କରିବା ଆବଶ୍ୟକ। ଯଦି କୌଣସି ଆଲଟି ଏହା କରିବାରେ ବିଫଳ ହୁଏ, ତେବେ ତାଙ୍କର ଚୟନ ବାତିଲ୍ ହେବ ଏବଂ ପରବର୍ତ୍ତୀ ଆବେଦକଙ୍କୁ ସୁଯୋଗ ଦିଆଯିବ। ପ୍ରତ୍ୟେକ ଦୋକାନ କକ୍ଷ ପାଇଁ ନ୍ୟୁନତମ ମାସିକ ଭଡା ଟ. ୬,୦୦୦/- ରଖାଯାଇଛି ଏବଂ ସର୍ବାଧିକ ଡ଼ାକ ଥିବା ୪ ଜଣ ଆବେଦନକାରୀ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଯୋଗ୍ୟ ହେବେ । ଦୋକାନ ଗୃହର ମାସିକ ଭଡା ପ୍ରତ୍ୟେକ ମାସର ୧୦ ତାରିଖ ମଧ୍ୟରେ ଜମା କରିବା ଆବଶ୍ୟକ। ଯଦି ଏହା ୨୦ ତାରିଖ ପର୍ଯ୍ୟନ୍ତ ଜମା ହେବାକୁ ବିଫଳ ହୁଏ, ତେବେ ଆଲଟିଙ୍କୁ ରୁମ୍ ଛାଡିବାକୁ ପଡିବ। ଏକମାସର ନୋଟିସ ଦେଇ ଏକପକ୍ଷୀୟ ଭାବେ ଦୋକାନ ଖାଲି କରାଯାଇପାରିବ ।

**୫. ବିଦ୍ୟୁତ ସଂଯୋଗ:**

ବିଡିଓ, ରାୟଗଡା ଦ୍ୱାରା ଦୋକାନ ଗୁଡିକୁ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯିବ। ମାସିକ ବିଦ୍ୟୁତ ବିଲ ଆଲଟିଙ୍କ ଦ୍ୱାରା ପଇଠ କରାଯିବ ଏବଂ ଏହାର ରସିଦର ଏକ ଫଟୋକପି କାର୍ଯ୍ୟାଳୟରେ ଦାଖଲ କରିବେ ।

**୬. କକ୍ଷର ଦୃଶ୍ୟ ପରିବର୍ତ୍ତନ:**

ଆଲଟି ଦୋକାନ କକ୍ଷ ର କୌଣସି ପରିବର୍ତ୍ତନ କରିପାରିବେ ନାହିଁ ଏବଂ ଦୋକାନ ଗୃହ ଲାଗି କୌଣସି ନିର୍ମାଣ କରିପାରିବେ ନାହିଁ ଏବଂ ଭିତରେ ମଧ୍ୟ ନିର୍ମାଣ ସୀମିତ ରଖିବାକୁ ପଡିବ।

୭. ଦୋକାନର ପ୍ରକୃତି:

ଦୋକାନ ଗୃହରେ କୌଣସି ମାଦକ ଦ୍ରବ୍ୟ, ତମ୍ବାକୁ ଜିନିଷ, ବିସ୍ଫୋରକ ବା ନିଷେଧ ପଦାର୍ଥ ବିକ୍ରି କରିବାକୁ ଅନୁମତି ନାହିଁ। ଯଦି ଏଭଳି ସୂଚନା ମିଳେ, ତେବେ ଚୁକ୍ତି ବାତିଲ୍ ହେବ ଏବଂ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୮. ସଫା ସୁତୁରା ଦାୟିତ୍ୱ :

ଆଲଟି ମାନେ ରୁମ୍‌ର ଭିତରେ ଏବଂ ଚାରିପାଖରେ ସଫାସୁତୁରା ରଖିବେ।

୯. ଯୋଗ୍ୟତା :

ରାୟଗଡ ବ୍ଲକ, ଏବଂ ପୌର ପରିଷଦର ଯେକୌଣସି ବ୍ୟକ୍ତି ଆବେଦନ କରିପାରିବେ । ଦରଖାସ୍ତ ସହ ତହସିଲଦାର, ରାୟଗଡଙ୍କ ଦ୍ୱାରା ପ୍ରଦତ୍ତ ବାସିନ୍ଦା ପ୍ରମାଣ ପତ୍ରର ନକଲ ଦାଖଲ କରିବେ ।

୧୦.ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟା :

ତା ୧୨.୦୩.୨୦୨୫ରିଖ ବୁଧବାର ଦିବା ୧୦.୩୦ ଘଟିକା ସମୟରେ ରାୟଗଡ, ପଞ୍ଚାୟତ ସମିତିସ୍ଥ ସଦଭାବନା ସଭାଗୃହ ଠାରେ ପ୍ରାପ୍ତ ସମସ୍ତ ଟେଣ୍ଡର ଆବେଦନ ଖୋଲାଯିବ । ପ୍ରତ୍ୟେକ ଦୋକାନ ଗୃହ ପାଇଁ ମାସିକ ନ୍ୟୁନତମ ଭଡା ଟ. ୬,୦୦୦ ରଖାଯାଇଛି । ସର୍ବୋଚ୍ଚ ଡାକଥିବା ୪ ଜଣ ଆବେଦନକାରୀ ଆବଣ୍ଟନ ନିମନ୍ତେ ଯୋଗ୍ୟ ହେବେ । କମିଟି ସଦସ୍ୟଙ୍କ ସମ୍ମୁଖରେ ମୁକ୍ତ ଟେଣ୍ଡର ଦ୍ୱାରା ଅଧିକ ମାସିକ ଅର୍ଥ ଭଡା ମାଧମରେ ଦେବା ବ୍ୟକ୍ତିଙ୍କୁ ଦୋକାନ ଗୃହ ପ୍ରଦାନ କରାଯିବ । ସର୍ବାଧିକ ୪ଜଣ ଟେଣ୍ଡରଧାରୀଙ୍କୁ କ୍ରମାନ୍ୱୟରେ ଦୋକାନ ଗୃହ ନମ୍ବର ୧ ଠାରୁ ନମ୍ବର ୪ ପର୍ଯ୍ୟନ୍ତ ଆବଣ୍ଟନ କରାଯିବ ।

୧୧.ରେକର୍ଡ ରକ୍ଷଣା ବେକ୍ଷଣ :

ଏହି ଦପ୍ତରର ଉନ୍ନୟନ ବିଭାଗରେ ଦୋକାନଗୃହ ଆବଣ୍ଟନ ରେଜିଷ୍ଟର ପରିଚାଳନା କରାଯିବ । ଏବଂ ସମସ୍ତ ଆବଶ୍ୟକ ରେକର୍ଡ କାଗଜାତ୍ ରହିବ ।

୧୨. ଦୋକାନ ଘର ଆବଣ୍ଟନ କ୍ଷେତ୍ରରେ ବ୍ଲକ ସ୍ତରୀୟ ଚୟନ କମିଟିଙ୍କ ନିଷ୍ପତ୍ତି ଚୁଡାନ୍ତ ଅଟେ। ଆବଶ୍ୟକ ସ୍ଥଳେ କମିଟି ଏହି ଟେଣ୍ଡରକୁ ବିନା କାରଣ ଦର୍ଶାଇ ବାତିଲ କରିପାରନ୍ତି ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ରାୟଗଡ଼

ପତ୍ରିପତ୍ର ସଂଖ୍ୟା:                                        ତା:

ଏହାର ଏକାକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ରାୟଗଡଙ୍କ ସଦୟ ଅବଗତି ଓ NIC, ରାୟଗଡରେ ପ୍ରକାଶିତ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକିତା ନକଲ ଜିଲ୍ଲାପାଳ, ରାୟଗଡ/ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ/ ଉପଜିଲ୍ଲାପାଳ, ରାୟଗଡ/ ତହସିଲଦାର, ରାୟଗଡ/ ନିର୍ବାହୀ ଅଧିକାରୀ, ପୌରପରିଷଦ, ରାୟଗଡଙ୍କ ଅବଗତି ଏବଂ ସୂଚନା ଫଳକରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ରାୟଗଡ଼

# ଦରଖାସ୍ତ ଫର୍ମ

## ଦୋକାନ ଗୃହ Tender ରେ ଭାଗନେବାପାଇଁ ଅବେଦନପତ୍ର

ବିଜ୍ଞାପନସଂଖ୍ୟା:____________/-                                        ତାରିଖ____________

ରସିଦ ନଂ ____________ ତାରିଖ____________ ପଇଠ ଟଙ୍କାର ପରିମାଣ :________

୧. ଆବେଦନକାରୀଙ୍କ ନାମ :- ______________________________

୨. ପିତା ବା ସ୍ୱାମୀଙ୍କ ନାମ :- ______________________________

୩. ସମ୍ପୂର୍ଣ୍ଣ ଠିକଣା :
- ଗ୍ରାମ/ସାହି - ________________
- ୱାର୍ଡ ନଂ - ________________
- ପୋଷ୍ଟ - ________________
- ଜିଲ୍ଲା - ________________
- ମୋବାଇଲ ନଂ - ________________
- ଆଧାର ସଂଖ୍ୟା : ________________

୪. ଭାଗନେବାକୁଚାହୁଁଥିବା ଦୋକାନ ଗୃହରନମ୍ବର:- __________ଓ ସ୍ଥାନ:- ____________

୫. ନ୍ୟୁନତମ ମାସିକ ଭଡା ଠାରୁ ସର୍ବୋଚ୍ଚ ଭଡା ଟଙ୍କା ଡକରା ବ୍ୟକ୍ତିଙ୍କୁ ଦୋକାନ ଗୃହର ଆବଣ୍ଟନ ନିମନ୍ତେ କର୍ତ୍ତୃପକ୍ଷ ଘୋଷଣା କରାଯିବ । ଏଥି ନିମନ୍ତେ ଟ.__________________/-ଙ୍କା ମାସିକ ଭଡା ପଇଠ କରିବା ପାଇଁ ଆବେଦନ କରାଗଲା ।

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ଗୋଷ୍ଠି ଉନ୍ନୟନ ଅଧିକାରୀ ରାୟଗଡ଼ଙ୍କ ଦ୍ୱାରା ପ୍ରକାଶିତ ସାଧାରଣ ବିଜ୍ଞପ୍ତି ସଂଖ୍ୟା____________ ତାରିଖ______________ ରେସର୍ତ୍ତାବଳୀ ଅନୁଯାୟୀ ତାରିଖ ୧୨.୦୩.୨୦୨୫,ରେ, ଦୋକାନ ଗୃହ Tender ରେ ଭାଗ ନେଇ ସମସ୍ତ ସର୍ତ୍ତାବଳୀ ସୁସ୍ଥ ମନରେ ଗ୍ରହଣ କରୁଅଛି ।

ଆବେଦନକାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର

ତାରିଖ:

ସଂଲଗ୍ନ କରାଯାଇଥିବା ନଥିପତ୍ର

କ.

ଖ.

ଗ.

ଘ.